**ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଜବତ**

ରାଇରଙ୍ଗପୁର,(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଅଁଳାଡୁବା ଚାଣ୍ଡାଲ ଛକ ନିକଟ ରାସ୍ତା ପାର୍ଶ୍ୱରୁ ଗୁରୁବାର ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ଥାନା ଅଧିକାରୀ ସୁଚନ୍ଦ୍ର ମହାଲି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୨୪) ରୁଜୁ ହୋଇଛି।

## ସଂକ୍ଷେପରେ

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ସରପଞ୍ଚଙ୍କ ବର୍ଜନ

ପାଟଣା,୧୫।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ପରିସରରେ ଗୁରୁବାର ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ ନେତା ଗୌରହରି ନାଏକ ବର୍ଜନ କରିଛନ୍ତି। ପଞ୍ଚାୟତ ମାଧ୍ୟମରେ ଆୟୋଜନ ହେଉଥିଲେ ହେଁ ସରକାରୀ ଟଙ୍କା ବ୍ୟୟରେ ବିଜେଡିର ସୁପ୍ରିମୋ ନବୀନ ପଟନାୟକ ଓ ଶଙ୍ଖ ଚିହ୍ନ ରହୁଥିବାରୁ ଏହାକୁ ସେ ଜଣେ ସ୍ୱାଭିମାନୀ ନାଗରିକ ତଥା କଂଗ୍ରେସର ନେତା ଭାବରେ ବର୍ଜନ କରିଥିବା କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ପିଇଓ ଅଶୋକ କୁମାର ମହାପାତ୍ରଙ୍କ ସଂଯୋଜନାରେ ସ୍ଥାନୀୟ ସମିତି ସଭ୍ୟା ଦମୟନ୍ତୀ ନାଏକ, ନାଏବ ସରପଞ୍ଚ ସୁଚିତ୍ରା ମହାନ୍ତ, ଜିଆରଏସ ଦୀପକ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସରପଞ୍ଚ ସମସ୍ତ କାର୍ଯ୍ୟର ଆୟୋଜନରେ ନିଜକୁ ସଂଶ୍ଳିଷ୍ଟ ରଖିଥିଲେ ହେଁ ସଭା ମଣ୍ଡପ ଉପରକୁ ଯାଇ ନ ଥିଲେ।

### ଯୁକ୍ତ ୨ ପରୀକ୍ଷା ଦେବେ ୧୧୧୮ ଛାତ୍ରୀଛାତ୍ର

ମୋରଡ଼ା,୧୫।୨(ସ୍ମାରକ ମାଜୀ)– ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାରଠାରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ମୋଟ ୧୧୧୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସୂଚନା ଅନୁଯାୟୀ,ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୫୯, କଳାରେ ୨୨୮, ଧନ୍ଦା ମୂଳକ ଶିକ୍ଷା ବିଭାଗରେ ୩୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି ଗଡ଼ିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୨୬୨, କଳାରେ ୨୬୧ ଏବଂ ନୂଆଗାଁସ୍ଥିତ ବାବା ଜଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୬୨, କଳାରେ ୨୧୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଚିତ୍ରଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଶ୍ନପତ୍ର ଗଚ୍ଛିତ ରଖା ଯାଇଥିବା ବେଳେ, ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସି ଟିଭି ଲଗାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା କରାଯାଇଛି।

### ପୋଖରୀରେ ବୁଡ଼ି ଶିଶୁ ମୃତ

ଖଇରା,୧୫।୨(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ ତିଳଦା ଗ୍ରାମର ଦୁର୍ଯ୍ୟୋଧନ ମହୁରୀଙ୍କ ୫ବର୍ଷର ପୁଅ ବସନ୍ତ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଗୁରୁବାର ଅପରାହ୍ଣରେ ଅନ୍ୟ ସାଙ୍ଗ ସହ ମିଶି ଖେଳୁଥିବା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକେ ଆମ୍ବୁଲାନ୍ସ ଡାକି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

### ରାଜ୍ୟ ଗୋଣ୍ଡ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ

କେନ୍ଦୁଝର,୧୫।୨ (ନରେଶ ଚନ୍ଦ୍ର ପଟ୍ଟନାୟକ): ରାଜ୍ୟ ସରକାର ଭୁବନେଶ୍ୱରଠାରେ ଗୋଣ୍ଡ ଭବନ ନିର୍ମାଣ ପାଇଁ ୫୦ ଡିସିମିଲ ଜାଗା ଓ ଅର୍ଥ ମଞ୍ଜୁର କରିଛନ୍ତି। ସମାଜର ଦୀର୍ଘ ୪୦ ବର୍ଷର ଦାବି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଣିଥିବାରୁ ଜିଲାରେ ବସବାସ କରୁଥିବା ସମସ୍ତ ଗୋଣ୍ଡ ଆଦିବାସୀ ସମାଜର ଭଉଣୀ ଭାଇମାନେ କୃତଜ୍ଞ ଓ ଆନନ୍ଦିତ। ଏଥି ସକାଶେ କେନ୍ଦୁଝର ଜିଲାପାଳ କାର୍ଯ୍ୟାଳୟଠାରେ ଗୋଣ୍ଡ ସମାଜ କର୍ମକର୍ତ୍ତାଙ୍କ ଦ୍ୱାରା ସମସ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଅବସରରେ କହିଛନ୍ତି, ଗୋଣ୍ଡ ଜନଜାତି ଓଡ଼ିଶାର ଏକ ପ୍ରମୁଖ ଜନଜାତି ଓଡ଼ିଶାରେ ବହୁ ଜନଜାତି ଆଜି ପର୍ଯ୍ୟନ୍ତ ସରକାରଙ୍କଠାରେ ରେଜିଷ୍ଟ୍ରେସନ ହୋଇ ନାହାନ୍ତି। ମାତ୍ର କେନ୍ଦୁଝର ଜିଲା ଗୋଣ୍ଡ ସମାଜ ଓ ରାଜ୍ୟର ବିଭିନ୍ନ ଜିଲାରେ ବସବାସ କରୁଥିବା ଗୋଣ୍ଡ ସମାଜ ଭାଇମାନଙ୍କ ସହାୟତାରେ ସର୍ବ ପ୍ରଥମେ ୧୯୮୫ ମସିହାରେ ରାଜ୍ୟସ୍ତରରେ ଓଡ଼ିଶା ସରକାରଙ୍କଠାରେ ରେଜିଷ୍ଟ୍ରେସନ ହୋଇଛନ୍ତି। ନିୟମ ଅନୁଯାୟୀ ନିରନ୍ତର ଭାବେ ରାଜ୍ୟସ୍ତରରେ ଓ ଜିଲା ମାନଙ୍କରେ ନିଜ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରି ଆସୁଛି।

# ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍

**■ତଦାରଖ କରି ଫେରିଗଲେ ଏକ ଟିମ୍**

**■ଆସିଲେ ନୂଆ ଟିମ୍**

ବାଲେଶ୍ୱର, ୧୫।୨(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାରେ ଗତ ୧୨ରୁ ୧୫ତାରିଖ ଅର୍ଥାତ୍ ଗୁରୁବାର ପର୍ଯ୍ୟନ୍ତ କାୟାକଳ୍ପ ଟିମ୍‌ର ତିନିଜଣିଆ ସଦସ୍ୟ ଗସ୍ତ କରିଥିଲେ। ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲା ମଧ୍ୟରେ ଥିବା ବିଭିନ୍ନ ହସ୍‌ପିଟାଲ ପରିଦର୍ଶନ କରି ଫେରିଯାଇଛନ୍ତି। ଅନ୍ୟପକ୍ଷରେ ଆଉ ଗୋଟିଏ ଟିମ୍ ଗୁରୁବାର ବାଲେଶ୍ୱରରେ ପହଞ୍ଚି ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ସେମାନେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଜିଲାରେ ରହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଅନୁଧ୍ୟାନ କରିବେ। ଫେରିଯାଇଥିବା ଟିମ୍‌ରେ ଆଡିଶିନାଲ ଡାଇରେକ୍ଟର (ପିଆଇଡ଼ି) ଅଞ୍ଜନା ପଣ୍ଡା, ରାଜ୍ୟ ମାଇକ୍ରୋ ବାୟୋଲୋଜିଷ୍ଟ ସସ୍ମିତା ମଲ୍ଲିକ ଏବଂ ନିଲଫର ବେଗମ (ଏସ୍‌ପିଓ ଜାପାଇଗୋ) ପ୍ରମୁଖ ଥିଲେ। ସେମାନେ ଗତ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିବା ବେଳେ ଗୁରୁବାର ସହଦେବଖୁଣ୍ଟା ସିଏଚ୍‌ସି ଏବଂ ନୀଳଗିରି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଫେରିଯାଇଛନ୍ତି।

ଗୁରୁବାର କାୟାକଳ୍ପ ଟିମ୍‌ର ସଦସ୍ୟ ଡା. ପରେଶ ଚନ୍ଦ୍ର ମିଶ୍ର (ଆଡ଼ିଶିନାଲ ଡାଇରେକ୍ଟର ଏଚ୍‌ଆର୍‌ଏଚ୍‌ଏଣ୍ଡଆର୍), ଡା. ବିକାଶ ପଟ୍ଟନାୟକ (ଟିବି ଏଚ୍‌ଆଇଭି କୋଅର୍ଡ଼ିନେଟର) ଏବଂ ହୀରାଲାଲ ନାୟକ (ଏସ୍‌ପିଓ, ଚାଇଲଡ୍ ହେଲଥ) ବାଲେଶ୍ୱର ଗସ୍ତ କରିଛନ୍ତି। ସେମାନେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ବିଶେଷ କରି ସେମାନେ ମେଡ଼ିକାଲରେ ଥିବା ଇନଫ୍ରାଷ୍ଟ୍ରକର ଫାସିଲିଟି ସହ ରୋଗୀଙ୍କ ପାଇଁ ଥିବା ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ରୋଗୀମାନଙ୍କ ପାଇଁ ଥିବା ବେଡସିଟ୍, ଖାଦ୍ୟ ଆଦି ବିଭିନ୍ନ ସଫାସୁତରା, ହାଇଜିନ ପ୍ରମୋସନ, ଇକୋ ଫ୍ରେଣ୍ଡଲି ଏବଂ ମେଡ଼ିକାଲ ବାହାରେ ହେଉଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ଏଥିସହ ମେଡିକାଲର ରେକର୍ଡ଼ ରେଜିଷ୍ଟର ଯାଞ୍ଚ କରିବା ସହ ଆରକେଏସ୍ ରେଜିଷ୍ଟର ମଧ୍ୟ ଯାଞ୍ଚ କରିଥିଲେ। ମେଡିକାଲରେ ରହୁଥିବା ରୋଗୀଙ୍କୁ ଉତ୍ତମ ସେବା ଠିକ୍ ଭାବେ ଯୋଗାଇ ଦିଆଯାଉଛି କି ନାହିଁ ତା' ଉପରେ ମଧ୍ୟ ତଦାରଖ କରୁଛନ୍ତି। ଏହି ଟିମ୍ ସହ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁଲାଲସେନ ଜଗଦେବ, ମେଡ଼ିକାଲ ଆଡ଼ମିନିଷ୍ଟ୍ରେଟିଭ୍ ଅଫିସର ନିର୍ଲିପ୍ତା ମହାନ୍ତି, କ୍ୱାଲିଟି ମ୍ୟାନେଜର ସଞ୍ଜୟ ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



କାୟାକଳ୍ପ ଟିମ୍ ସହ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀଗଣ।

## ଟିଏସ୍‌ଏଫ୍ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର





ସଚେତନତା ଶିବିରରେ ଉପସ୍ଥିତ ସ୍ଥାନୀୟ ଲୋକେ।

ଯୋଡ଼ା,୧୫।୨(ମାନସ ମହାନ୍ତି)

ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ) ପକ୍ଷରୁ ଟାଟା ଷ୍ଟିଲ୍‌ର କଲମଙ୍ଗ ଓ ଗନ୍ଧଲପଦା ପ୍ରକଳ୍ପ (କେଜିପି) ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ସହଯୋଗରେ କଲମଙ୍ଗ (ମୁଣ୍ଡାସାହି)ରେ ଗୁରୁବାର ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଟିଏସ୍‌ଏଫ୍ ଯୋଡ଼ା ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ଜଳବାହିତ ରୋଗ ଓ ଡେଙ୍ଗୁକୁ ଭଲ ଭାବେ ବୁଝି ତାହାର ମୁକାବିଲା କରିବା ଉପରେ ସଚେତନ କରାଯାଇଥିଲା। ଆଖପାଖ ପରିବେଶ ଓ ବ୍ୟକ୍ତିଗତ ସ୍ୱଚ୍ଛତା ବିଷୟରେ ମଧ୍ୟ ଆଲୋକପାତ କରାଯାଇଥିଲା। ଏହା ଦ୍ୱାରା ସେମାନେ ସମ୍ଭାବ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ଭଲ ଭାବେ ବୁଝିପାରିବେ ଏବଂ ଠିକ୍ ସମୟରେ ମେଡିକାଲ ସହାୟତା ନେଇପାରିବେ। ପ୍ରତିଷେଧକ ମୂଳକ ପଦକ୍ଷେପ ସମ୍ପର୍କରେ ବର୍ଣ୍ଣନା କରାଯିବା ସହ ଜଳବାହିତ ରୋଗ ଓ ଡେଙ୍ଗୁ ରୋଗର ମୁକାବିଲା ଲାଗି ସ୍ୱଚ୍ଛ ଜୀବନଶୈଳୀ ବଜାୟ ରଖିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ।

## ନବୀନ ନିବାସରେ ଛଉ ନୃତ୍ୟଗୁରୁ ସମ୍ବର୍ଦ୍ଧିତ



ଛଉ ନୃତ୍ୟଗୁରୁ ଶୁଭଶ୍ରୀ ମୁଖାର୍ଜୀଙ୍କୁ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବର୍ଦ୍ଧିତ କରୁଛନ୍ତି।

ବାରିପଦା,୧୫।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀରେ ମୟୂରଭଞ୍ଜର ଛଉନୃତ୍ୟ ଶୈଳୀରେ କୋଣାର୍କ ଶୀର୍ଷକ ନୃତ୍ୟ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଏହି ନୃତ୍ୟର ପରିକଳ୍ପନା କରିଥିବା ଛଉ ନୃତ୍ୟଗୁରୁ ଶୁଭଶ୍ରୀ ମୁଖାର୍ଜୀଙ୍କୁ ନବୀନ ନିବାସରେ ସମ୍ବର୍ଦ୍ଧିତ କରାଯାଇଛି। କୋଣାର୍କ ମନ୍ଦିରର ଇତିହାସ ଉପରେ ପର୍ଯ୍ୟବେକ୍ଷିତ ଏହି ନୃତ୍ୟରେ ବାରିପଦା ପ୍ରୋଜେକ୍ଟ ଛାଉଣୀର ୧୨ଜଣ, ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୮ ଜଣ ଓ ମୟୂରଭଞ୍ଜ ଆର୍ଟ ସେଣ୍ଟରର ୭ଜଣ, ବାରିପଦାସ୍ଥିତ ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଓ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିରର ୩ଜଣ ଲେଖାଏ ମୋଟ ୩୩ଜଣ ନୃତ୍ୟ ଶିଳ୍ପୀ ଅଂଶ ଗ୍ରହଣ କରିଥିଲେ। ଅଗ୍ନିମିତ୍ର ବେହେରା ସ୍ୱର ସଂଯୋଜନା କରିଥିବା ବେଳେ ରିଙ୍କୁ ସାହୁ ନୃତ୍ୟ ନିର୍ଦ୍ଦେଶନାରେ ସହଯୋଗ କରିଥିଲେ। ଉକ୍ତ ସମ୍ମିଳନୀରେ ସମଗ୍ର ବିଶ୍ୱରୁ ଅନେକ ଲୋକ ଯୋଗଦେଇଥିବା ବେଳେ ନୃତ୍ୟଗୁରୁ ମୁଖାର୍ଜୀଙ୍କ ଦ୍ୱାରା ପ୍ରସ୍ତୁତ ଏହି ନୃତ୍ୟଟି ସମସ୍ତଙ୍କୁ ବିମୋହିତ କରିଥିଲା। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ନବୀନ ନିବାସରେ ନୃତ୍ୟଗୁରୁ ମୁଖାର୍ଜୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମୟୂରଭଞ୍ଜ ଛଉନୃତ୍ୟର ସଂରକ୍ଷଣ ତଥା ବିକାଶ ସକାଶେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ପ୍ରୋଜେକ୍ଟ ଛାଉଣୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଭାବେ ସେ ଦାୟିତ୍ୱ ସମ୍ପାଦନ କରି ଆସୁଛନ୍ତି ।

## ପାଣି ଟାଙ୍କିରୁ ୪୦ଫୁଟ୍ ତଳକୁ ଖସିପଡିଲେ ବାଳ ଶ୍ରମିକ

ନୀଳଗିରି, ୧୫।୨(ପ୍ରଶାନ୍ତ ବିଶ୍ୱାଳ)

ବାଳ ଶ୍ରମିକଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ହୋଇଥିବା ବେଳେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଞ୍ଚଳରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଉଛି। ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତ ଛୋଟକାନପୁର ଗ୍ରାମରେ ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ଏକ ପାଣି ଟାଙ୍କି ସେଣ୍ଟରିଂ କାର୍ଯ୍ୟରେ ଠିକାଦାର ଜଣେ ବାଳ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଇଥିଲେ। କାମ କରିବା ବେଳେ ବାଳ ଶ୍ରମିକ ୪୦ଫୁଟ୍ ତଳକୁ ଖସି ପଡିବାରୁ ତାଙ୍କୁ ପ୍ରଥମେ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ବିନା ସୁରକ୍ଷାରେ ଠିକାଦାର କିପରି ବାଳ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଇଥିଲେ ତାହା ଏବେ ତଦନ୍ତ ପରିସର ବୋଲି ସାଧାରଣରେ ଦାବି ହେଉଛି। ଗୁରୁତର ନାବାଳକ ହେଲେ ବେଙ୍ଗଲୁରୁ ମାଳଦା ଅଞ୍ଚଳର ମୁନୁ ରୁନୁ ହକ୍। ଏନେଇ ଉକ୍ତ ବିଭାଗର ଔପଦା ଜେଇଙ୍କୁ ପଚାରିବାରୁ ବାଳ ଶ୍ରମିକଙ୍କ ଚିକିତ୍ସା ଚାଲିଥିବା ସ୍ୱୀକାର କରିଛନ୍ତି।

## ମନମୋହିଲା ବନ୍ଦେ ମାତରମ, ବିବେକଭାରତୀ ପିଲାଙ୍କ ନୃତ୍ୟ



ଧରିତ୍ରୀ ବିତରକ ନିର୍ମଳ ପାଢୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଖଇରା,୧୫।୨(ଉତ୍କଳବନ୍ଧୁ ପଣ୍ଡା)

**ମା' ଦାଣ୍ଡପଶ୍ଚିମା ଯୁବକ ସଂଘର ବାର୍ଷିକୋତ୍ସବ**

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ମାଟିଆଳପଦାସ୍ଥିତ ଦାଣ୍ଡପଶ୍ଚିମା ଯୁବକ ସଂଘର ସରସ୍ୱତୀ ପୂଜା ଓ ୨୩ତମ ବାର୍ଷିକୋତ୍ସବ ବୁଧବାର ସନ୍ଧ୍ୟାରେ ସଭା, ସମ୍ବର୍ଦ୍ଧନା ସାଙ୍ଗକୁ ନୃତ୍ୟଗୀତର ଝଙ୍କାରରେ ଉଦ୍‌ଯାପିତ ହୋଇଯାଇଛି। ମଧୁସୂଦନ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ୫ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ମୁଖ୍ୟଅତିଥି, ବିଶିଷ୍ଟ ନାଟ୍ୟକାର ନବଘନ ରାଉଳ, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ମହାନ୍ତି, ଯାତ୍ରା କଳାକାର ଜ୍ୟୋତ୍ସ୍ନାରାଣୀ ଭୂୟାଁ ଓ ଲକ୍ଷ୍ମୀଧର ନାୟକ ଓ ସଂଘ ସମ୍ପାଦକ ଅନୀଲ ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଗଣ୍ଡିବେଡ ଅଞ୍ଚଳରେ ଧରିତ୍ରୀ ସମେତ ବିଭିନ୍ନ ଖବରକାଗଜକୁ ଘରେ ଘରେ ପରିଚିତ କରାଇଥିବା ଯୁବକ ନିର୍ମଳ ପାଢୀ, ଅଙ୍ଗନୱାଡି କର୍ମୀ ସରସ୍ୱତୀ ଜେନା, ଆଶାକର୍ମୀ ମଞ୍ଜୁଲତା ପରିଡା, ଶିକ୍ଷକ ରତ୍ନାକର ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସୋର ବନ୍ଦେ ମାତରମ କଲଚରାଲ ଗ୍ରୁପ ଏବଂ ଡଗରପଡା ବିବେକଭାରତୀ ସେବାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ପରିବେଷିତ ଦଳଗତ ନୃତ୍ୟ ଦର୍ଶକଙ୍କ ମନ ଛୁଇଁଥିଲା। ସଂଘର ସମସ୍ତ ସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## 'ଶୋଷଣ ଓ କଷଣର ଦୃଢ଼ ପ୍ରତିବାଦ ହୃଦାନନ୍ଦଙ୍କ କବିତା'

ତିହିଡ଼ି,୧୫।୨(ସଞ୍ଜିତ ବଳ)

ଗାଁରେ ବସବାସ କରୁଥିବା କେତେକ ଲୋକ ଶୋଷଣ ଓ କଷଣର ଶିକାର ହୋଇଥାନ୍ତି। ସେମାନଙ୍କୁ ନା ମିଳେ ନ୍ୟାୟ ନା ବଞ୍ଚିବାର ରାହା। ସେହି ନିଃସହାୟ ଲୋକଙ୍କ ପ୍ରତିନିଧି ପାଲଟି ହୃଦାନନ୍ଦଙ୍କ କବିତା ପ୍ରତିବାଦର ସ୍ୱର ଉତ୍ତୋଳନ କରିଥାଏ। ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତର ଇଶାଣପୁରସ୍ଥିତ ଅନନ୍ତ କିଶୋର ମଠରେ ବରିଷ୍ଠ କବି ହୃଦାନନ୍ଦ ପାଣିଗ୍ରାହୀଙ୍କ କବିତା ସଙ୍କଳନ 'ବଞ୍ଚି ଆସିଥିବା ବିଶ୍ୱାସ'ର ଉନ୍ମୋଚନ ଉତ୍ସବରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଡ. ମହେଶ୍ୱର ମହାନ୍ତି ସ୍ମୃତି ସଂସଦ ଓ ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ହରମୋହନ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ କବି ଦୀନବନ୍ଧୁ ପତି, ମୁଖ୍ୟବକ୍ତା ସାମାଜିକ କର୍ମୀ ବସନ୍ତ କୁମାର ନାୟକ, ବରେଣ୍ୟ ଅତିଥି ଭାବେ ପ୍ରାବନ୍ଧିକ ଡ.ବିଶ୍ୱରଞ୍ଜନ ଦାସ, ଶାଶ୍ୱତ ପାଣିଗ୍ରାହୀ ଓ କବି ସାରଥି ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। କବି ପାଣିଗ୍ରାହୀ ସ୍ୱରଚିତ ପୁସ୍ତକ ଉପରେ ସୂଚନା ପ୍ରଦାନ କରିଥିଲେ। ସିଆର୍‌ସିସି ମନ୍ମଥ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। କବି ବିଶ୍ୱନାଥ ବାରିକ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ସରୋଜ କୁମାର ଓଝା, ହରେକୃଷ୍ଣ ଜେନା, ଖବରଦାତା ପ୍ରଭାତ ରାଉଳ, ମୃତ୍ୟୁଞ୍ଜୟ ପଣ୍ଡା, ସନାତନ ଜେନା, ମାୟାଧର ସାହୁ, ଭରତ ସାହୁ, ଭାଗୀରଥି ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ କବି ହୃଦାନନ୍ଦଙ୍କ କବିତା ସଙ୍କଳନ ଉନ୍ମୋଚନ କରୁଛନ୍ତି।

## ସାହାରପଡ଼ା ବସ୍‌ଷ୍ଟାଣ୍ଡ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ପାଟଣା,୧୫।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟରେ ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ ନିର୍ମିତ ହୋଇଥିବା ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଲୋକାର୍ପଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ରିନା ନାୟକ, ଉପାଧ୍ୟକ୍ଷା ଛବିରାଣୀ ସେଠୀ, ସାହାରପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଧବ ଚନ୍ଦ୍ର ବିରୁଆ, ତହସିଲଦାର ପରମାନନ୍ଦ ଖଣ୍ଡେଇ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷା କିରଣବାଳା ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ଲୋକଙ୍କୁ ଉନ୍ନତମାନର ପରିବହନ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ 'ଆମ ବସ୍‌ଷ୍ଟାଣ୍ଡ' ଯୋଜନାରେ ନିର୍ମିତ ବସ୍‌ଷ୍ଟାଣ୍ଡଟି ସାହାରପଡ଼ା, ପାଟଣା ଓ କରଞ୍ଜିଆ ଅଞ୍ଚଳର ଲକ୍ଷାଧିକ ଯାତ୍ରୀ ଉପକୃତ ହେବେ। ଏହି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡରେ ଯାତ୍ରୀ, ଚାଳକ ଓ କର୍ମକର୍ତ୍ତାଙ୍କ ବିଶ୍ରାମ, ଖାଦ୍ୟ ପାନୀୟ ଓ ଶୌଚ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହାର ନିର୍ମାଣ ପରେ ସାହାରପଡ଼ା ଅଞ୍ଚଳର ଏକ ଦୀର୍ଘ ଦିନର ପ୍ରମୁଖ ସମସ୍ୟା ସମାଧାନ ହୋଇଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ନାବାଳିକାଙ୍କ ମୃତଦେହ ଜବତ

ରୂପସା, ୧୫।୨(ବାଞ୍ଛାନିଧି ଦେ)– ବାଲେଶ୍ୱର ଜିଲା ବସ୍ତା ଥାନା ବରୁଣଗଡ଼ିଆ ପଞ୍ଚାୟତ ଅଧୀନ ମାଙ୍କଡ଼ଗଡ଼ିଆ ଗ୍ରାମରେ ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଗୁରୁବାର ଭୋର ସମୟରେ ଝୁଲନ୍ତା ଅବସ୍ଥାରେ ନାବାଳିକାଙ୍କୁ ଦେଖି ପରିବାର ଲୋକେ ସଙ୍ଗେ ସଙ୍ଗେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରିଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ମୃତ ନାବାଳିକା ଦଶମ ଶ୍ରେଣୀରେ ପଢୁଥିଲେ। ସ୍କୁଲର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ସୂଚନା ଅଧିକାର ତଥ୍ୟ ଦେଇ ନ ଥିବାରୁ ଜରିମାନା ଗଣିବେ ବିଡିଓ

ଭଦ୍ରକ,୧୫।୨(ସନାତନ ରାଉତ)

ସୂଚନା ଅଧିକାର ଆଇନରେ ତଥ୍ୟ ଦେଇ ନ ଥିବାରୁ ୧୫ହଜାର ଟଙ୍କା ଜରିମାନା ଦେବା ପାଇଁ ଭଦ୍ରକ ବିଡିଓଙ୍କୁ ରାଜ୍ୟ ମୁଖ୍ୟ ସୂଚନା ଅଧିକାର କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ ବ୍ଲକର ଗେଲପୁର ଗ୍ରାମରେ ୨୦୧୭ରେ ପୋଖରୀ ନିଲାମ ପ୍ରକ୍ରିୟା ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଉକ୍ତ ଗ୍ରାମର ବିପ୍ଳବ ହୋତା ନିଲାମ ତାଲିକାରେ ଥିବା କଲରାଗଡ଼ିଆ ନାମକ ପୋଖରୀକୁ ୫୭୦ ଟଙ୍କାରେ ନିଲାମ ଧରିଥିଲେ। ପରେ ଏହି ନାମରେ କୌଣସି ପୋଖରୀ ଚିହ୍ନଟ ହୋଇ ନ ପାରିବାରୁ ସେ ପଞ୍ଚାୟତରେ ଲିଖିତ ଅଭିଯୋଗ କରିଥିଲେ। ପରେ ଏନେଇ ସେ ଭଦ୍ରକ ବିଡିଓ ଏବଂ ଜିଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ଭଦ୍ରକ ବ୍ଲକ ଜନ ସୂଚନା ପ୍ରକୋଷ୍ଠରେ ତଥ୍ୟ ମାଗିଥିଲେ। ସେଠାରୁ ତଥ୍ୟ ନ ମିଳିବାରୁ ସେ ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁଯାୟୀ ଏନେଇ କମିଶନରେ ମାମଲା (ନଂ.୨୧୩୬/୨୦୧୮) ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ରାଜ୍ୟ ମୁଖ୍ୟ ସୂଚନା ଅଧିକାର କମିଶନର ମାର୍ଚ୍ଚ ୧ ସୁଦ୍ଧା ଜରିମାନା ୧୫ ହଜାର ଟଙ୍କା କ୍ଷତିପୂରଣ ବାବଦରେ ବିପ୍ଳବଙ୍କୁ ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବିଡିଓ ସୀତାକାନ୍ତ ରାଉତ କହିଛନ୍ତି, ଏହି ଜରିମାନା ନେଇ ପଞ୍ଚାୟତ ସମିତି ନାମରେ ଚିଠି ଆସିଛି। ଏହାର ପୁନଃ ବିଚାର ପାଇଁ ଅପିଲ କରାଯାଇଛି।

## ୩ ପଞ୍ଚାୟତରେ ସରକାରୀ ଯୋଜନା ସଚେତନତା

ବାସୁଦେବପୁର,୧୫।୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ନୂଆଗାଁ, ଇରମ ଓ ଅଡୁଁଆ ପଞ୍ଚାୟତରେ ଗୁରୁବାର ସରକାରୀ ଯୋଜନା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ନୂଆଗାଁରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରି ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ବାବଦରେ ଲୋକଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡିଓ ସଞ୍ଜୀବ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ମଲିକ, ଅମର କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଇରମ ପଞ୍ଚାୟତରେ ଉପରୋକ୍ତ ଅତିଥିଙ୍କ ସହ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ଯୋଗ ଦେଇଥିଲେ। ଅଡୁଁଆ ପଞ୍ଚାୟତରେ ଏମ୍‌ପି ଏବଂ ବିଧାୟକ ଯୋଗଦେଇ ଚୁଡ଼ାମଣି ମନ୍ଦିର ଓ ଜେଟିର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ବିଶ୍ୱାଳ, ସମିତିସଭ୍ୟ କେଦାର ମଲିକ, ସରପଞ୍ଚ ପ୍ରତିନିଧି ଗୌରାଙ୍ଗ ମଲିକ, ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ସାମଲ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିରାକାର ପରିଡ଼ା, ଗୋବିନ୍ଦ ଜେନା, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।



ନୂଆଗାଁ ପଞ୍ଚାୟତ ବିକାଶ ପୁସ୍ତକ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କୁଳିଅଣା,୧୫।୨(ଆଦିକନ୍ଦ ସାହୁ)– ମୟୂରଭଞ୍ଜ ଜିଲା କୁଳିଅଣା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୀପିକା ସିଂ, ୮ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ଦୁର୍ଗା ମାରାଣ୍ଡି, ଉପାଧ୍ୟକ୍ଷା ଅନିମା ସାହୁ, କୁଳିଅଣା ସରପଞ୍ଚ ଅହଲ୍ୟା ନାଏକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ମାହାନା, ସୁଧାଂଶୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ ଅରୁଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ମହିଳା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଷ୍ଟଲ ନିର୍ମାଣ କରାଯାଇଥିଲା।

## କେନ୍ଦୁଝର

# ବନ୍ୟପ୍ରାଣୀଙ୍କ ଚଳପ୍ରଚଳରେ ବାଧକ ସ୍ଲରି ପାଇପ ଲାଇନ୍

■ଟ୍ରେଞ୍ଚ୍ ଖୋଳି ଛାଡ଼ିଦେଉଛି ସଂସ୍ଥା
■ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନି

**କେନ୍ଦୁଝର,୧୫।୨(ନରେଶ ଚନ୍ଦ୍ର ପଟ୍ଟନାୟକ)**



କେନ୍ଦୁଝର ସହର ନିକଟ ଏନ୍ଏଚ୍-୨୦ ବାଇପାସ ରାସ୍ତାର କଡ଼ରେ ସିଦ୍ଧମଠରୁ ଶିରିଶପାଳ ମଧ୍ୟରେ ଏବେ ସ୍ଲରି ପାଇପ ବିଛାଇବା କାମ ଚାଲିଛି। ଉକ୍ତ କାମ ନେଇ ସଂସ୍ଥା ଟ୍ରେଞ୍ଚ୍ ଖୋଳି ଖୋଲା ଛାଡ଼ି ଦେଉଥିବାରୁ ଉକ୍ତ ସ୍ଥାନ ଅସୁରକ୍ଷିତ ହୋଇପଡ଼ିଛି। ଜଙ୍ଗଲ ରାସ୍ତାରେ କାମ ହେଉଥିବାରୁ ରାତିରେ ବନ୍ୟପ୍ରାଣୀଙ୍କ ଅତିକ୍ରମ ଓ ଚଳପ୍ରଚଳ ପାଇଁ ସମସ୍ୟା ଉପୁଜୁଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନା ଅନୁଯାୟୀ, ଯୋଡ଼ା ଖଣି ଅଞ୍ଚଳରୁ ପାରାଦୀପକୁ ଏକ କମ୍ପାନୀ ଲୁହାପଥର ଗୁଣ୍ଡ ପରିବହନ କରିବାକୁ ଏହି ସ୍ଲରି ପାଇପ ବିଛାଇବା କାମ କରୁଛି। ଏହି ସ୍ଲରି ପାଇପ ଜାତୀୟ ରାଜପଥ କଡ଼, ଜଙ୍ଗଲ ଦେଇ ପାଇପ ବିଛା ହେଉଥିବାରୁ ବନ୍ୟପ୍ରାଣୀଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଛି। ଏ ନେଇ ବନ ବିଭାଗ ପକ୍ଷରୁ ତଦାରଖ କରାଯାଉ ନ ଥିବାରୁ ନୀତିନିୟମ ଉଲ୍ଲଂଘନ କରି ଅନେକ ସମୟରେ ଦିନରାତି କାମ କରାଯାଉଛି। ସିଦ୍ଧମଠରୁ ଶିରିଶପାଳ ମଧ୍ୟରେ ଗାତ (ଟ୍ରେଞ୍ଚ) ଖୋଳି ପାଇପ ବିଛା କାମ ସରିଛି। ମାତ୍ର ସେସବୁ ଗାତକୁ ମାଟି ପକାଇ ପୋତା ଯାଇ ସମତୁଲ କରାଯାଉନାହିଁ। କାମ କରୁଥିବା ସଂସ୍ଥା ଗୋଟିଏ ସ୍ଥାନରେ ଟ୍ରେଞ୍ଚ ଖୋଳି ପାଇପ ବିଛାଇବା ପରେ ସେ ସ୍ଥାନକୁ ସମତୁଲ କରି ଅନ୍ୟ ସ୍ଥାନରେ କାମ କରିବା କଥା। କିନ୍ତୁ ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରି ତରବରିଆ ଭାବେ ଦୀର୍ଘ ବାଟ ପର୍ଯ୍ୟନ୍ତ ଟ୍ରେଞ୍ଚ ଖୋଳି କାମ କରୁଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଛି। ଫଳରେ ଉନ୍ମୁକ୍ତ ଟ୍ରେଞ୍ଚ୍ ଯୋଗୁ ବନ୍ୟପ୍ରାଣୀ ତଥା ଗୃହପାଳିତ ପ୍ରାଣୀଙ୍କ ଚଳପ୍ରଚଳରେ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ଉକ୍ତ ଅଞ୍ଚଳରେ ଏବେ ହାତୀପଲ ଚଳପ୍ରଚଳ କରୁଥିବାରୁ ଉକ୍ତ ଖାଲରେ ପଡ଼ି ଆହତ ହେବା ଆଶଙ୍କା ରହିଛି। କାମ କରୁଥିବା ସଂସ୍ଥା ଖାମଖିଆଲ ଭାବରେ ଏଭଳି ଖନନ କରି ପାଇପ ବିଛାଉଥିବା ବେଳେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସଦର ରେଞ୍ଜ ଅଧିକାରୀ ଅଜିତ୍ ଦାସ କହିଛନ୍ତି, ସେ ନିଜେ ଯାଇ ଅନୁଧ୍ୟାନ କରିବେ। ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଆଧ୍ୟାତ୍ମିକ ବିକାଶ ଲାଗି ପରାମର୍ଶ

## ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ

**ଚମ୍ପୁଆ,୧୫।୨(ମହେଶ୍ୱର ଦାସ)**



ମାତୃ ସମ୍ମିଳନୀରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ।

କେନ୍ଦୁଝର ଜିଲା ଚମ୍ପୁଆ ସରସ୍ୱତୀ ଶିଶୁ ମନ୍ଦିରଠାରେ ବିଦ୍ୟାଳୟର ପରିଚାଳନା ସମିତିର ଉପସଭାପତି ସଦାନନ୍ଦ ଦେହୁରୀଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀ ଓ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିଭାବେ ଚମ୍ପୁଆର ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଭୋଳାନାଥ ମିଶ୍ର, ସଦସ୍ୟା ପ୍ରଭାସିନୀ ନାଏକ ଓ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗଦେଇ ମାଆମାନେ ପିଲାମାନଙ୍କୁ ମୋବାଇଲଠାରୁ ଦୂରେଇ ରଖିବା ଓ ପ୍ରକୃତି ସହିତ ଜଡ଼ିତ ହୋଇ ଶାରୀରିକ, ମାନସିକ ବୌଦ୍ଧିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପିଲଙ୍କୁ ଶ୍ରୀକୃଷ୍ଣ, ଶ୍ରୀରାମ, ଶିବାଜୀ, ବିବେକାନନ୍ଦଙ୍କ ପରି କରିବାକୁ ପ୍ରେରଣା ପ୍ରଦାନ କରିଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ବକ୍ତାଭାବେ ଶିକ୍ଷା ବିକାଶ ସମିତି, ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ସମ୍ମାନିତ ଅତିଥିଭାବେ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଅଜିତ କୁମାର ରାମ ଆଦି ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଆଭିମୁଖ୍ୟ କଥନ, ଆଚାର୍ଯ୍ୟା ସରଳା ପ୍ରଧାନ ଅତିଥି ପରିଚିତ ପ୍ରଦାନ ଓ ସଭାକାର୍ଯ୍ୟ ପରିଚାଳନା ଏବଂ ଆଚାର୍ଯ୍ୟା ଗୀତାଞ୍ଜଳୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଗୀତ, ଗପ, ନୃତ୍ୟ, ଶଙ୍ଖଫୁଙ୍କା, ହୁଳହୁଳି, ବ୍ରହ୍ମନାଦ, ଚିତ୍ରାଙ୍କନ, ମୁରୁଜ, ଝୋଟି, ବଲ ଫିଙ୍ଗା, ଗୋଲି ସଂଗ୍ରହ, ଗ୍ଲାସ୍ ବୋହିବା ଆଦି ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା।

# ୭ ଶହ ଲିଟର ମଦ ଜବତ, ୨ ଗିରଫ

**ଯୋଡ଼ା,୧୫।୨(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଅବକାରୀ ବିଭାଗ ଅଧିକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ସହର ଓ ବାମେବାରୀ ଥାନା ଅନ୍ତର୍ଗତ ବନ୍ଧୁଆବେଡ଼ା ଗ୍ରାମାଞ୍ଚଳରେ ଚଢ଼ାଉ କରାଯାଇଛି। ଚଢ଼ାଉରେ ୭ ଶହ ଲିଟର ମହୁଲି ମଦ, କାରବାରେ ବ୍ୟବହୃତ ବାଇକ (ଓଡି ୦୯ଜି-୮୨୯୯)କୁ ଜବତ କରାଯାଯାଇଛି। ମଦ ରନ୍ଧା ହେବା ପାଇଁ ରଖାଯାଇଥିବା ୮୦ କୁଇଣ୍ଟାଲ ମହୁଲ ପୋଚକୁ ନଷ୍ଟ କରି ଦିଆଯାଇଛି। ନିଶା କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଯୋଡ଼ା ତାରିଣୀ ହଟିଂର ଶ୍ରୀପତି ବକ୍ତି ଓ ବନ୍ଧୁଆବେଡା ଗ୍ରାମର ମଞ୍ଜୁଲତା ମୁର୍ମୁ। ଶ୍ରୀପତି ବନ୍ଧୁଆବେଡା-ଜଜାଙ୍ଗ ରାସ୍ତାରେ ମହୁଲି ମଦ ନେଇ ବାଇକ୍ ଆସୁଥିବା ବେଳେ ଅବକାରୀ ବିଭାଗ ତାଙ୍କୁ ଗିରଫ କରିବା ସହ ବାଇକ ଜବତ କରିଥିଲା। ମଞ୍ଜୁଲତାଙ୍କ ଘରେ ଚଢ଼ାଉ କରାଯାଇ ଗିରଫ କରାଯାଇଥିଲା। ଡେପୁଟି ସୁପରିଟେଣ୍ଡେଣ୍ଟ ପ୍ରବୀଣ ପ୍ରଧାନ, ଦିବ୍ୟଶଙ୍କର ଦିପ୍, ବେଣୁଧର ସାମଲ, ଚନ୍ଦନ ମଣ୍ଡଳ, ଏଚ୍ ଜଗା ରାଓ, ଗିରିଜା ନନ୍ଦନ ଜେନା, ପ୍ରିୟମିତା ଓଝା, ବିନୋଦ ବାସ୍କେ, ତନୁ କିଶୋର ପାତ୍ର, ଜନାର୍ଦ୍ଦନ ପଲେଇ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଅଧିକାରୀ ଚଢ଼ାଉରେ ସାମିଲ ଥିଲେ। ଚଢାଉ ସମୟରେ ମାଜିଷ୍ଟ୍ରେଟ୍‌ଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ବିଶ୍ୱଜିତ୍ ଦଲେଇ ଉପସ୍ଥିତ ଥିଲେ। ଘଟଣାରେ ୪ ପୃଥକ ମାମଲା ରୁଜୁ କରାଯାଇଛି। ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ନିମନ୍ତେ ଆଗୁଆ ଏହି ଚଢ଼ାଉ କରାଯାଉଥିବା ଯୋଡ଼ା ଅବକାରୀ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ପାଲା ମାଧ୍ୟମରେ ଜନକଲ୍ୟାଣକାରୀ ଯୋଜନାର ପ୍ରଚାର

**ପାଟଣା,୧୫।୨(ବୀର କିଶୋର ଦାଶ)**



ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ପୁସ୍ତକ ଅତିଥି ଓ ବ୍ଲକ୍ କର୍ମଚାରୀମାନେ ଦେଖାଉଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୂଷାଖୋରୀ ପଞ୍ଚାୟତର ମଲ୍ଲିପଶି ହାଇସ୍କୁଲ ଖେଳପଡ଼ିଆରେ ଗୁରୁବାର ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟଣା ବ୍ଲକ୍ ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମକୁ ନେଇ ଏଲ୍ଇଡି ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ମୁଖ୍ୟ ବକ୍ତାଭାବେ ୨୩ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟା ରୁନୁ ମହନ୍ତ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟା ଦମୟନ୍ତୀ ବାରିକ, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, କେନ୍ଦେଇପଶି ସରପଞ୍ଚ ମୀନାକ୍ଷୀ ନାଏକ, ପଲାଣଘାଟି ସରପଞ୍ଚ ରାଉତ ମୁଣ୍ଡା, ପିଇଓ ଅକ୍ଷୟ କୁମାର ସାହୁ, ସ୍ଥାନୀୟ ନାଏବ ସରପଞ୍ଚ ଚୀନାମଣି ଦାସ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁରେଶ ଚନ୍ଦ୍ର ନାଏକ ପ୍ରମୁଖ ସାମିଲ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ମାଧ୍ୟମରେ ମନୋରଞ୍ଜନ ସହ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମର ପ୍ରଚାର ହୋଇଥିଲା। ବିଭିନ୍ନି ଆଞ୍ଚଳିକ ନୃତ୍ୟ ସହ ଭଜନ ଓ ଆଧୁନିକ ଗୀତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଫଳ ପ୍ରତିଭାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ୧ ହଜାରରୁ ଊର୍ଦ୍ଧ୍ୱ ଏମ୍‌ବିକେ, ସିଆରପି, ଏସ୍‌ଏଚଜି ଗ୍ରୁପ ମହିଳା ଓ ବିଜେଡି କର୍ମୀଙ୍କ ସହ ସାଧାରଣ ଲୋକେ ସାମିଲ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବକୁ ଖବରଦାତା ସଞ୍ଜୟ ସାହୁ ସଂଯୋଜନା କରିଥିବା ବେଳେ ମୂଷାଖୋରୀ ସରପଞ୍ଚ ଭାମାମଣି ଦାସ ଅଧ୍ୟକ୍ଷତା କରିଥିଲେ।

# ମା’ ବୀଣାପାଣିଙ୍କୁ ପୂଜାର୍ଚ୍ଚନା

**କେନ୍ଦୁଝର,୧୫।୨(ଦୀପକ ମିଶ୍ର)**



କେନ୍ଦୁଝର ଜିଲା ତଥା ସହରର ବିଭିନ୍ନ ସ୍ଥାନରେ ବିଦ୍ୟାର ଦେବୀ ମା’ ବୀଣାପାଣିଙ୍କର ପୂଜାର୍ଚ୍ଚନା ବୁଧବାର ଅନୁଷ୍ଠିତ ହୋଇଯାଇଛି। ତୁଷାର ହାର ଧବଳା, ଶ୍ୱେତବସ୍ତ୍ର ଆବୃତ୍ତା ସଙ୍ଗୀତରେ ବିଦ୍ୟାର ଦେବୀ ମା’ ସରସ୍ୱତୀଙ୍କର ପୂଜା ବିଭିନ୍ନ ଶିକ୍ଷାନୁଷ୍ଠାନଦ୍ୱାରା ପାରମ୍ପରିକ ରୀତିନୀତି ସହକାରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଦ୍ୟାଳୟରେ ମା’ଙ୍କର ପୂଜା ଉପଲକ୍ଷେ ସକାଳୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇଥିଲେ। କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ, ସରକାରୀ ମହିଳା ମହାବିଦ୍ୟାଳୟ, ଡିଏନ୍ ହାଇସ୍କୁଲ, ନରସିଂହସ୍ୱାଇଁ ପୋଲିସ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ବାଳିକା ବିଦ୍ୟାଳୟ, ମୋଚିବନ୍ଧ ହାଇସ୍କୁଲ, କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଣିଆପାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡିମ୍ବୋସ୍ଥିତ କେନ୍ଦୁଝର ସ୍କୁଲ ଅଫ୍ ଇଞ୍ଜିନିୟରିଂ, କେନ୍ଦୁଝର ନର୍ସିଂ କଲେଜ, ଫାର୍ମାସୀ କଲେଜ, ବଡ଼ହଲସ୍ଥିତ କେଏସ୍ଇ ଯୁକ୍ତ ୨ ସାଇନ୍ସ କଲେଜ ଆଦି ଅନୁଷ୍ଠାନମାନଙ୍କ ସହ ସହର ଓ ଆଖପାଖ ଅଞ୍ଚଳର ଅନେକ ଶିକ୍ଷାନୁଷ୍ଠାନମାନଙ୍କରେ ମା’ ସରସ୍ୱତୀଙ୍କର ପୂଜା ଯଥାବିଧି ଅନୁଷ୍ଠିତ ହୋଇଥିଲା।

## ଭଦ୍ରକ

# ବିସିଇଟିକୁ ‘ଗାନ୍ଧୀ’ ପୁରସ୍କାର

**ଧାମନଗର, ୧୫।୨(ଦେବେନ୍ଦ୍ର ଆନ୍ଦିଆ)**

କର୍ନାଟକର କାଲାବୁରାଗିସ୍ଥିତ ପିଡିଏ କଲେଜ ଅଫ୍ ଇଞ୍ଜିନିୟରିଂରେ ଅନୁଷ୍ଠିତ ‘ଇଣ୍ଡିଆନ ସୋସାଇଟି ଫର୍ ଟେକ୍ନିକାଲ ଏଜୁକେଶନ’ର ୫୨ତମ ଜାତୀୟ ସମ୍ମିଳନୀରେ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି (ବିସିଇଟି)କୁ ୨୦୨୨-୨୩ ଶିକ୍ଷାବର୍ଷର ମର୍ଯ୍ୟାଦାଜନକ ‘ଗାନ୍ଧୀ’ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାର ସର୍ବୋତ୍ତମ ବୈଷୟିକ ମହାବିଦ୍ୟାଳୟ ଭାବେ ମାନ୍ୟତା ପ୍ରଦାନ ସହ ପୁରସ୍କୃତ କରାଯାଇଛି। ବିସିଇଟି ପରିଚାଳନା ପରିଷଦର ସଭାପତି ଧାମନଗରର ଡ. ମନ୍ମଥ କୁମାର ବିଶ୍ୱାଳ ଏବଂ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଶରତ କୁମାର ମିଶ୍ର ଏହି ସମ୍ମାନ ଗ୍ରହଣ କରିଛନ୍ତି। ଅସୁରାଳିସ୍ଥିତ ଭଦ୍ରକ ଇଞ୍ଜିନିୟରିଂ ସ୍କୁଲ ଆଣ୍ଡ୍ ଟେକ୍ନୋଲୋଜି ଓ ଧାମନଗରର ବିଭିନ୍ନ ସଙ୍ଗଠନ ପକ୍ଷରୁ ଡ. ବିଶ୍ୱାଳଙ୍କୁ ଶୁଭେଚ୍ଛା ଜଣାଯାଇଛି।



କର୍ନାଟକରେ ବିସିଇଟି ପରିଚାଳନା ପରିଷଦ ସଭାପତି ପୁରସ୍କାର ଗ୍ରହଣ କରୁଛନ୍ତି।

# ସରସ୍ୱତୀ ପୂଜାରେ ସାଂସ୍କୃତିକ ଉତ୍ସବ

**ଭଦ୍ରକ,୧୫।୨(ରବିନାରାୟଣ ଖିଲାର)**

ଭଦ୍ରକ ବାଇପାସ୍‌ସ୍ଥିତ ଲଣ୍ଡନ କିଡ୍‌ସ ଇଣ୍ଟରନ୍ୟାଶନାଲ ସ୍କୁଲରେ ସରସ୍ୱତୀ ପୂଜା ଅବସରରେ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଶେଖ୍ ଅମିରୁଦ୍ଦିନଙ୍କ ସଭାପତିତ୍ୱ ଓ ଅଧ୍ୟକ୍ଷା ସଂଗୁପ୍ତା ୟାସ୍ମିନଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସ୍ମିତା ତ୍ରିପାଠୀ, ଅର୍ଚ୍ଚନା ବଳ, ପୁଷ୍ପାଞ୍ଜଳି ନାୟକ, ବୀଣାପାଣି ଧ୍ରୁପତି, ଆରତି ବେହେରା, ମାନସୀ ସାହୁ ପ୍ରମୁଖଙ୍କ ପରିଚାଳନାରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଇଂ. ଅଭୟ ପଣ୍ଡା, ବ୍ରଜ ନାୟକ, ଜୟନ୍ତ ପଟେଲ ପ୍ରମୁଖ ଅଭିଭାବକ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ଦିରା ଡ୍ୟାନ୍ସ ଗ୍ରୁପ୍ ମୁଖ୍ୟ ଶ୍ୱେତପଦ୍ମା ଜେନା, ଦର୍ଶନ ଏକାଡେମୀ ମୁଖ୍ୟ ସୁଦର୍ଶନ ନାୟକ ଓ ଖବରଦାତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।




ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ବିଧାୟକଙ୍କ କୁଶପୁତ୍ତଳିକା ଦାହ



କେନ୍ଦୁଆପଦା ଛକରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି କଂଗ୍ରେସ କର୍ମୀ।

**ବନ୍ତ,୧୫।୨(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଚଢ଼ାଉ ପରେ ବନ୍ତ କଂଗ୍ରେସ ପକ୍ଷରୁ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁଙ୍କ ନେତୃତ୍ୱରେ କର୍ମୀମାନେ ସନ୍ଧ୍ୟାରେ ବନ୍ତ ବଜାରର କେନ୍ଦୁଆପଦା ଛକଠାରେ ବିଧାୟକଙ୍କ ବିରୋଧୀ ନାରା ଦେଇ କୁଶପୁତ୍ତଳିକା ଦାହ କରିଛନ୍ତି। ବରପଦା କଲେଜର ଆର୍ଥିକ ଅନିୟମିତତା ସହ ବିଧାୟକ ଓ ବିଧାୟକଙ୍କ ପ୍ରତିନିଧି ତାଙ୍କ ପୁଅ ବିଭିନ୍ନ ଦୁର୍ନୀତିରେ ସାମିଲ ଥିବା ନେଇ କଂଗ୍ରେସର ବ୍ଲକ ସଭାପତି ଅଭିଯୋଗ କରିଛନ୍ତି। ସେହିପରି ଆଗରପଡ଼ା କଲେଜ ଛକରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, ଗଙ୍ଗାଧର ପତିଙ୍କ ସମେତ ବହୁ କର୍ମୀ ଏଥିରେ ସାମିଲ ଥିଲେ।

# ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ



ମିଶ୍ରଣ ପର୍ବରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସହ ନୂତନ କର୍ମୀ ଓ ଅନ୍ୟମାନେ।

ବାସୁଦେବପୁର,୧୫।୨(ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁରସ୍ଥିତ କାର୍ଯ୍ୟାଳୟ ପରିସରରେ ବିଜେଡିର ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏଡ଼ତାଳ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଧାୟକ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା, ଏଡ଼ତାଳ ସରପଞ୍ଚ ଅମରେନ୍ଦ୍ର ପଲେଇ, ପଞ୍ଚାୟତ ସଭାପତି ଉମେଶ ଚନ୍ଦ୍ର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟ ବଖାଣିଲେ

## ପଞ୍ଚାୟତସ୍ତରୀୟ ସଚେତନତା

**ବନ୍ତ,୧୫।୨(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକର ୧୫ନଂ. ଜୋନ୍ ଅଧୀନ ବନ୍ତ, ବସନ୍ତିଆ, ଗଣିଜାଙ୍ଗ ଓ ଛୟାଳସିଂହରେ ଗୁରୁବାର ‘ଆମ ଓଡ଼ିଶା ନବୀନ ଓଡ଼ିଶା’ର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସହ ୩ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକପ୍ରତିନିଧି ଓ ଅଧିକାରୀମାନେ ବଖାଣିଥିଲେ। ଏଥିସହ ଉପସ୍ଥିତ ଲୋକଙ୍କୁ ବିକାଶମୂଳକ କାର୍ଯ୍ୟ ପୁସ୍ତିକା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ, କୃତୀ ଛାତ୍ରୀଛାତ୍ର, ସଫଳ ଚାଷୀ, ଖବରଦାତା, ଏମ୍‌ବିକେ, ସିଆର୍‌ପି ଏବଂ କୃଷକ ସାଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣିଜାଙ୍ଗ ପଞ୍ଚାୟତରେ ବରିଷ୍ଠ ନେତା ଜଗନ୍ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ପ୍ରଦୀପ କୁମାର ସେଠୀ, ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ସାହୁ, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲା ପର୍ଯ୍ୟବେକ୍ଷକ ଚିନ୍ମୟ ଦାସ, ସମିତିସଭ୍ୟ ମନୋରଞ୍ଜନ ସେଠୀ, ସରପଞ୍ଚ ରଶ୍ମିତା ସେଠୀ, ବିବିସିସି ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ରତ୍ନାକର ଦାଶ, ନାରାୟଣ ଚନ୍ଦ୍ର ବାରିକ, ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ନାୟକ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗ ଦେଇଥିଲେ। ବନ୍ତ ପଞ୍ଚାୟତରେ ସମିତିସଭ୍ୟ ପରମେଶ୍ୱର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଉପରୋକ୍ତ ଅତିଥିଙ୍କ ସହ ପିଇଓ ବିଭୁଦତ୍ତ ପାତ୍ର, କନିଷ୍ଠ ଯନ୍ତ୍ରୀ ଅମରଜ୍ୟୋତି ଦୀପକ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବସନ୍ତିଆ ପଞ୍ଚାୟତରେ ସରପଞ୍ଚ ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପରୋକ୍ତ ଅତିଥିଙ୍କ ସହ ପଞ୍ଚାୟତ ବିଜେଡି ସଭାପତି ବସନ୍ତ କୁମାର ବେହେରା, ସମିତିସଭ୍ୟା ଜ୍ୟୋସ୍ନାରାଣୀ ସ୍ୱାଇଁ, ଯୁବନେତା ସ୍ମୃତି ରଞ୍ଜନ ସ୍ୱାଇଁ, ସାମାଜିକ କର୍ମୀ ନିମାଇଁ ଚରଣ ଜେନା, ପିଇଓ ଅଲେଖ ଚନ୍ଦ୍ର ମଲ୍ଲିକ ଓ ଜିଆର୍‌ଏସ୍ ରବୀନ୍ଦ୍ର ବେହେରା ଉପସ୍ଥିତ ଥିଲେ।

# ୩,୨୬,୫୧୩ ରାଶନ କାର୍ଡ ହିତାଧିକାରୀଙ୍କୁ ମିଳିବ ସହାୟତା

**ଭଦ୍ରକ,୧୫।୨(ସନାତନ ରାଉତ)**

ରାଶନ କାର୍ଡ ହିତାଧିକାରୀମାନଙ୍କୁ ୨ଟି ଅଖାବ୍ୟାଗ୍ ଓ ୧ ହଜାର ଟଙ୍କା ସହାୟତା ମିଳିବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ବେଳେ ଭଦ୍ରକ ଜିଲାର ୩,୨୬,୫୧୩ କାର୍ଡଧାରୀଙ୍କୁ ଏହି ସହାୟତା ମିଳିବ। କେନ୍ଦ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲାରେ ୩ ଲକ୍ଷ ୧୯ ହଜାର ୪୧୧ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୭,୧୦୨ ହିତାଧିକାରୀ ଅଛନ୍ତି। ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ହିସାବରେ ସହାୟତା ବାବଦକୁ ୩୨ କୋଟି ୬୫ ଲକ୍ଷ ୧୩ ହଜାର ଟଙ୍କା ଖାଉଟି ସୁରକ୍ଷା କେନ୍ଦ୍ରରେ ବଣ୍ଟନ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପ୍ରକାଶ କରିଛନ୍ତି।

## ବାଲେଶ୍ୱର

## ଜଳେଶ୍ୱର କଂଗ୍ରେସର ନିର୍ବାଚନୀ ୱାର ରୁମ୍ ଉଦ୍‌ଘାଟିତ

ଜଳେଶ୍ୱର, ୧୫।୨(ରବିନାରାୟଣ ପାତ୍ର)-ଜଳେଶ୍ୱର କଂଗ୍ରେସ ପକ୍ଷରୁ ହନୁମାନ ମନ୍ଦିର ସମ୍ମୁଖରେ କଂଗ୍ରେସ କାର୍ଯ୍ୟାଳୟରେ ନିର୍ବାଚନୀ ୱାର ରୁମ୍ ଉଦ୍‌ଘାଟିତ ହୋଇଛି। ଏହାକୁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସନ୍ତୋଷ କୁମାର ଜେନା ଅଖିଳ ଭାରତ କଂଗ୍ରେସ କମିଟିଙ୍କ ନିର୍ଦ୍ଦେଶରେ ଆସନ୍ତା ୨୦୨୪ ନିର୍ବାଚନ ପରିଚଳାନା ଲାଗି ଡିଜିଟାଲ ମାଧ୍ୟମରେ ନୂତନ ପ୍ରଚାର କାର୍ଯ୍ୟ ହେବ ବୋଲି କହିଛନ୍ତି। ଏଥିରେ ପ୍ରାର୍ଥୀ ଚୟନ ହେବା ସହିତ ରାଜନୈତିକ ପ୍ରଚାର ତରିକା, କର୍ମୀ ପ୍ରଶିକ୍ଷଣ ଦେବାକୁ ଥିବା ବେଳେ ୩ଜଣ ଟେଲିକଲର, ଜଣେ ସିଷ୍ଟମ ମ୍ୟାନେଜର, ଜଣେ ୱାର ଇନଚାର୍ଜ, ଜଣେ ଟ୍ରେନର, ସୋସିଆଲ ମିଡିଆ ହେଡ ପ୍ରମୁଖ ରହିବ ବୋଲି କୁହାଯାଇଛି। କଂଗ୍ରେସ ରାଜ୍ୟ ପ୍ରବକ୍ତା ତଥା ଜଳେଶ୍ୱର ନେତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଖଗେନ୍ଦ୍ର ସାମଲ, ବିରେନ୍ ଦେ, ବିଭୁରେନ୍ଦ୍ର ଦେ, ହେମନ୍ତ ଗିରି, ସୁଦାମ ପାତ୍ର, ପଦ୍ମଲୋଚନ ବେହେରା, ରବୀନ୍ଦ୍ର ଦାସ, କାର୍ତ୍ତିକ ପାତ୍ର, ଗୋପାଳକୃଷ୍ଣ ଜେନା, ତ୍ରିଲୋଚନ ଦାସ, ତ୍ରିଲୋଚନ ଦାସଅଧିକାର, ରାଧାରାଣୀ ପାତ୍ର ଓ ଲକ୍ଷ୍ମୀଧର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଉଦ୍‌ଘାଟନ ହେଲା 'ଆମ ବସ୍‌ଷ୍ଟାଣ୍ଡ'

ଭୋଗରାଇ(ପ୍ରଦୀପ ଦାସ)/ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୧୫।୨


ଭୋଗରାଇ ଥାନାଛକରେ ଆମ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ, ବିଧାୟକ ସମେତ ଅତିଥିଗଣ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନା ଛକଠାରେ ୬କୋଟି ୪୦ଲକ୍ଷ ଟଙ୍କା ବ୍ୟୟରେ ନୂଆ ରୂପରେ ଆକର୍ଷଣୀୟ ଭାବେ ଗଢ଼ି ଉଠିଥିବା ଓଏସ୍‌ଆରଟିସିର ନୂତନ ବସଷ୍ଟାଣ୍ଡକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆମ ବସ୍‌ଷ୍ଟାଣ୍ଡ ସହିତ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିରକୁ ୩ କୋଟି ୧୫ଲକ୍ଷ, ମା' ବାସୁଳୀ ପୀଠକୁ ୧କୋଟି ଓ ପ୍ରଖ୍ୟାତ ଐତିହାସିକ ମନ୍ମଥ ଦାସ ଏବଂ ବିଶ୍ୱ ସାରସ୍ୱତ ସାଧକ ମନୋଜ ଦାସ ଫାଉଣ୍ଡେଶନ ଐତିହ୍ୟସ୍ଥଳୀକୁ ୧୪କୋଟି ଟଙ୍କା ରାଜ୍ୟ ସରକାର ଅନୁଦାନ ଦେଇଥିବା ପ୍ରକାଶ କରିଥିଲେ। ଭୋଗରାଇ ବିଧାୟକ ଅନନ୍ତ ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନୂଆ ଓଡ଼ିଶା ଗଠନର ବିଧାଣୀ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ୟମ ଯୋଗୁ ଭୋଗରାଇ ନିର୍ବାଚନମଣ୍ଡଳୀର ବିକାଶର ଧାରା ଜାରି ରହିଥିବା କହିବା ସହ ଭୋଗରାଇବାସୀଙ୍କ ପକ୍ଷରୁ ସାଧୁବାଦ ଜ୍ଞାପନ କରିଥିଲେ। ନୂତନ ଟର୍ମିନାଲ ବସ୍‌ଷ୍ଟାଣ୍ଡ ମଧ୍ୟରେ ୧୦ଟି ଦୋକାନ ଘର, ଡ୍ରାଇଭର ରେଷ୍ଟଶେଡ୍, ଶୌଚାଗାର ଓ ଅଫିସ ଗୃହ ନିର୍ମାଣ କରାଯାଇଛି। ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକାରୀ ହେଲେ ଦକ୍ଷିଣ ଭୋଗରାଇର ୩୨ ପଞ୍ଚାୟତର ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଲୋକେ ଗମନାଗମନର ସୁବିଧା ଉପଲବ୍ଧ ହେବ ବୋଲି ଯାତ୍ରୀମାନେ ପ୍ରକାଶ କରିଛନ୍ତି। ନୂତନ ବସ୍‌ଷ୍ଟାଣ୍ଡରେ ଏକାଥରକେ ୮ଟି ବସ୍ ରହଣି ହୋଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଜିଲା ବାଣିଜ୍ୟ ପରିବହନ ଅଧିକାରୀ ରଶ୍ମିରଞ୍ଜନ ଦଳବେହେରା, ଜିଲାପରିଷଦ ପ୍ରକଳ୍ପ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବିଡ଼ିଓ ଉମାକାନ୍ତ ପରିଡ଼ା, ତହସିଲଦାର ସୁଧାଂଶୁ ଶେଖର ଗିରି, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଦୀପ୍ତ କୁମାର ରାଉତ ଓ ବିଜେଡି ନେତାମାନେ ଯୋଗ ଦେଇଥିଲେ। ବାଲିଆପାଳଠାରେ ମଧ୍ୟ ଆମ ବସ୍‌ଷ୍ଟାଣ୍ଡ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ଲୋକାର୍ପଣ କରିବା ପରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ରିମୋଟ୍ ମାଧ୍ୟମରେ ବସ୍‌ଷ୍ଟାଣ୍ଡର ଉଦ୍‌ଘାଟନୀ ଫଳକ ଅନାବରଣ କରିଥିଲେ। ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ବାଲିଆପାଳ ତହସିଲଦାର ଜନକ କୁମାର ନାୟକ, ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲିଆପାଳ ସରପଞ୍ଚ ବନଲତା ଦାସ, ପୂର୍ବତନ ଜିଲା ପରିଷଦ ରବୀନ୍ଦ୍ର ନାଥ ଅଣ୍ଡିଆ, ମଧୁପୁରା ସରପଞ୍ଚ ସ୍ୱାମୀ ଲମ୍ବୋଧର ମାହାନା, ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସଙ୍କ ସମେତ ବହୁ ନିର୍ବାଚନ ଜନ ପ୍ରତିନିଧି ଓ ମହିଳା ଏସ୍ଏଚ୍‌ଜି ସଦସ୍ୟାଙ୍କ ସହିତ ବାଲିଆପାଳ ବ୍ଲକ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଯୋଗ ଦେଇଥିଲେ।

## 'କିଏ ଜାଣିଥିଲା ଏମିତି ହେବ' ପରିବେଷିତ

କାଳିପଦା, ୧୫।୨(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅଧୀନ ବଡ଼ାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସରସ୍ୱତୀ ପୂଜା ଉପଲକ୍ଷେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପୌରାଣିକ ନାଟକ 'କିଏ ଜାଣିଥିଲା ଏମିତି ହେବ' ପରିବେଷଣ ହୋଇଥିଲା।
ବିଦ୍ୟାଳୟ ସହକାରୀ ଶିକ୍ଷକ ରଘୁନାଥ ଗଙ୍ଗାଇ ନାଟକ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଆଜିର ସମାଜରେ ସାମାଜିକ ନାଟକ ବହୁ ମାତ୍ରାରେ ପରିବେଷଣ ହେଉଥିଲା ବେଳେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପୌରାଣିକ ନାଟକ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଣେଶ କିଙ୍କର ଆଚାର୍ଯ୍ୟ ଏବଂ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗ୍ରାମବାସୀ ସହଯୋଗ କରିଥିଲେ।


ନାଟକରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ମାତୃ-ପିତୃ ପୂଜନ ଉତ୍ସବ

ରସାଲପୁର, ୧୫।୨(ଶରତ ସାମଲ)- ରସାଲପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ-ପିତୃ ପୂଜନ ଉତ୍ସବ ପାଳିତ ହୋଇଯାଇଛି। ମା' ବାଗଦେବୀଙ୍କ ପୂଜାର୍ଚ୍ଚନା ପରେ ଉତ୍ସବକୁ ଅନୁଷ୍ଠାନ ସଭାପତି ଭଗବାନ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ରମାକାନ୍ତ ପଣ୍ଡା ଶିଶୁ ମନ୍ଦିର ଏତାଦୃଶ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସାମାଜିକ କର୍ମୀ ବିଜୟ ସାମଲ, ହରେକୃଷ୍ଣ ବାରିକ ଓ ଅଧ୍ୟାପିକା ବିନ୍ଦୁଲତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମିଶ୍ର ଅତିଥି ପରିଚୟ, ଜୟସ୍ମିତା ଗୁରୁମା' ପଞ୍ଚାଙ୍ଗ, ଶ୍ରଦ୍ଧାଞ୍ଜଳି ଗୁରୁମା' ଅମୃତ ବଚନ ପାଠ ଓ ପ୍ରତିମା ଗୁରୁମା' ବ୍ୟକ୍ତିଗତ ଗୀତ ବୋଲିଥିଲେ। ସମ୍ପାଦକ ଶମ୍ଭୁନାଥ ଯାଦବ ମାତୃ-ପିତୃ ପୂଜନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦେବସ୍ମିତା ଗୁରୁମା', ମିତା ଗୁରୁମା', ରୂପରେଖା ଗୁରୁମା', ରଶ୍ମିରେଖା ଗୁରୁମା', ପ୍ରତ୍ୟୁଷା ଗୁରୁମା', ସେବକା ଅପା ଏବଂ ପରିଚାଳନା ସମିତିର ଗଣେଶ ଚନ୍ଦ୍ର ପଣ୍ଡା, ସୁରେଶ ଚନ୍ଦ୍ର ପାତ୍ର ଓ ମୁକ୍ତିକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶିଶୁଙ୍କ ଦ୍ୱାରା ପୂଜନ କାର୍ଯ୍ୟକ୍ରମ ଚିତ୍ତାକର୍ଷକ ହୋଇଥିଲା। ଜ୍ଞାନେନ୍ଦ୍ର ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ।

## ରାଉତପଡ଼ା ସମିତିର ବାର୍ଷିକ ସାଧାରଣ ସଭା

# ସମବାୟ ସମିତିର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

ରୂପସା, ୧୫।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ରାଉତପଡା ସେବା ସମବାୟ ସମିତିର ୪୯ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଦେବାଶିଷ ମହାପାତ୍ର ସଭାରେ ଅଧ୍ୟକ୍ଷତା କରି କେନ୍ଦ୍ର ସରକାରଙ୍କର ସମସ୍ତ କିଷାନ ଯୋଜନାର ଲାଭ ଉଠାଇବା ସହ ସମିତିର ସାମଗ୍ରିକ ବିକାଶ ପାଇଁ ଚାଷୀ, ଋଣୀ ଓ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ କାମନା କରିଥିଲେ। ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ବସ୍ତା ଶାଖା ପରିଚାଳକ ତୁଷାରକାନ୍ତ ପାତ୍ର, ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ଭୂଷଣ ତ୍ରିପାଠୀ ଯୋଗଦେଇ ସମିତିର ପ୍ରତ୍ୟେକ ନିୟମ କାନୁନ ସମ୍ବନ୍ଧରେ ସଚେତନ ହୋଇ ବିକାଶଧାରାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ସୃଷ୍ଟିଧର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଡାଇରେକ୍ଟର ଅଭିମନ୍ୟୁ ବର, ସାଦନ ସିଂ, କୈଳାସ ନାୟକ, ନରହରି ଦାସ, ମନୋରଞ୍ଜନ ଦାସ, ପ୍ରଦୀପ ଦାସ, ଧୀରେନ୍ଦ୍ର ଦାସ, ପ୍ରତାପ ରାଉତ, ଆରତୀ ନାୟକ, ସୁଜାତା ମଣ୍ଡଳ, ରବୀନ୍ଦ୍ର ମହାନ୍ତି, ଅଚ୍ୟୁତାନନ୍ଦ ଗିରି, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ପୂର୍ବତନ ସଭାପତି ହରେନ୍ଦ୍ର କୁମାର ଦାସ ଓ ସନ୍ତୋଷ କୁମାର ବାରିକ, ଗଙ୍ଗାଧର ପାଣିଗ୍ରାହୀ, ଧନଞ୍ଜୟ ତ୍ରିପାଠୀ, ଚକ୍ରଧର ମହାନ୍ତି, ଇଂ ଦିବାକର ରାଉତ ପ୍ରମୁଖ ବିଭିନ୍ନ ବିକାଶମୂଳକ ପ୍ରସ୍ତାବ ଆଗତ କରିଥିଲେ। ସହ ସମ୍ପାଦକ ତପନ କୁମାର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମକର୍ତ୍ତା ଯତୀନ୍ଦ୍ର ଦାସ ଓ କବିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସାଧାରଣ ସଭାରେ ଉପସ୍ଥିତ ଡାଇରେକ୍ଟର, ଚାଷୀ ଏବଂ ସଭ୍ୟବୃନ୍ଦ।

## ମୟୂରଭଞ୍ଜ

## ଶିମିଳିପାଳ ସୁରକ୍ଷା ନେଇ ସଚେତନତା ସଭା

ଖୁଣ୍ଟା,୧୫।୨(ଦେବରଞ୍ଜନ ବେହେରା): ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷାକୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉଦଳା ରେଞ୍ଜର ଡେଙ୍ଗାମ ଫରେଷ୍ଟ ବିଟ୍ ଅଧୀନ ନୂଆଗାଁଠାରେ ବନ ବିଭାଗ ପକ୍ଷରୁ ଏହି ସଭା ଅନୁଷ୍ଠିତ ହୋଇଥିଲା। ଡେଙ୍ଗାମ ଫରେଷ୍ଟର ବିଦ୍ୟାଧର ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିଥିଲେ। ରେଞ୍ଜର ଜଗଦିଶ ଦାସ , ଖୁଣ୍ଟା ଫରେଷ୍ଟର ଅର୍ପିତା ଦେବାଙ୍ଗନା, ଭୋଳାଗଡ଼ିଆ ସରପଞ୍ଚ ନନ୍ଦକିଶୋର ହାଁସଦା, ସମିତିସଭ୍ୟା ଓ ବିଭିନ୍ନ ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟମାନେ ଉପସ୍ଥିତଥିଲେ। ଖୁଣ୍ଟା ଡିଗ୍ରୀ କଲେଜ ଛାତ୍ରୀଛାତ୍ରୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା।

# ୧୭୯ କେନ୍ଦ୍ରରେ ୩୨୦୬୫ ପରୀକ୍ଷାର୍ଥୀ

## ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ଲାଗି କର୍ମଶାଳା

ବାରିପଦା,୧୫।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାକୁ ନେଇ ଏକ କର୍ମଶାଳା ବାରିପଦା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ୨୬ ବ୍ଲକର ଥିବା ୧୭୯ଟି ରେଗୁଲାର ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟମାନଙ୍କୁ ନେଇ ଏହି ବୈଠକ ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ମାଟ୍ରିକ ପରୀକ୍ଷାକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ମୋଟ ୩୨ ହଜାର ୬୫ ଜଣ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ମଧ୍ୟମାରେ ୩୨୨ଜଣ, ଏସଆଇଓଏସ୍‌ରେ ୩୯୩ଜଣ ପରୀକ୍ଷା ଦେବେ। ସେହିପରି ଜିଲାରେ ୨୧ଟି ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି । ଅତିରିକ୍ତ ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଉପସ୍ଥିତ ରହି ବୋର୍ଡର ନିର୍ଦ୍ଦେଶାବଳୀକୁ ମାନିବା ସହିତ ପରୀକ୍ଷା ସୁପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି। ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପ୍ରଶାସନିକ ଅଧିକାରୀଙ୍କ ସମେତ ସ୍ୱତନ୍ତ୍ର ପୋଲିସ ଅଧିକାରୀ ମୃତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ସଫଳତାର ସହ ତ୍ରୁଟିଶୂନ୍ୟ ଭାବେ ପରୀକ୍ଷାକୁ ପରିଚାଳନା କରିବା ନିମନ୍ତେ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଙ୍ଗରିପୋଷି ବିଇଓ ଗୌତମ କୁମାର ପାତ୍ର ଉପସ୍ଥିତ ଥିବା ବେଳେ ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରାକ୍ତନ ବିଜ୍ଞାନ ପରିଦର୍ଶକ ନଳିନୀ କୁମାର ଚୌଧୁରୀ, ବିଇଓ ମଧୁସ୍ମିତା ଗିରି, ସୁବ୍ରତ କୁମାର ପଣ୍ଡାଙ୍କ ସମେତ ବହୁ ଅଧିକାରୀ, ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ ।

## ବନାଗ୍ନି ନିରାକରଣ ସଚେତନତା ଶିବିର


ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

ବୈଶିଙ୍ଗା,୧୫।୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ ରେଞ୍ଜ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ମହାବିଦ୍ୟାଳୟରେ ଗୁରୁବାର ବନାଗ୍ନି ନିରାକରଣ ନେଇ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଓ କେସିପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ନିକଟସ୍ଥ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ଜଙ୍ଗଲକୁ ନିଆଁ କବଳରୁ ରକ୍ଷା କରିବାକୁ ସଚେତନ କରାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ବନ ବିଭାଗର ଆସିଷ୍ଟାଣ୍ଟ କନଜରଭେଟର୍ ରବିନାରାୟଣ ମହାନ୍ତି, ରେଞ୍ଜ ଅଫିସର ମନୱର ଖାଁ, କୃଷ୍ଣଚନ୍ଦ୍ରପୁର ମହାବିଦ୍ୟାଳୟର ଅଧ୍ୟକ୍ଷା ମନ୍ଦାକିନୀ ସାହୁ, ଅଗ୍ନିଶମ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ, ବନପାଳ ପ୍ରଶାନ୍ତ ସିଂ ସାମନ୍ତ, ସମସ୍ତ ବନଖଣ୍ଡର ଗଜସାଥୀ, ଜଙ୍ଗଲ ମିତ୍ର, ବେତନଟୀ ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ଶାନ୍ତନୁ ପଣ୍ଡା, ବେତନଟୀ ବ୍ଲକ ପ୍ରେସ କ୍ଲବର ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟରେ କୃତଜ୍ଞତା ସମାରୋହ



ବାରିପଦା,୧୫।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମ୍ମିଳିତ ବିଇଡି, ଏମ୍ଇଡି. ଓ ସ୍ନାତକୋତ୍ତର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଏକ କୃତଜ୍ଞତା ସମାରୋହ ଆୟୋଜିତ ହୋଇଯାଇଛି। ସଂଯୋଜିକା ପ୍ରଫେସର ମିନତୀ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟକ୍ଷ ଡ. ଚକ୍ରଧର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡ. ସମୀର କୁମାର ଲେଙ୍କା ଓ ସହଯୋଗୀ ଅଧ୍ୟାପକ ଡ. ରମେଶ କୁମାର ପରୁଆ ମେଘାଳୟ ସ୍ଥିତ ଶିଲଂଠାରେ ଥିବା ନର୍ଥ ଇଷ୍ଟର୍ଣ୍ଣ ହିଲ ୟୁନିଭରସିଟିରେ ଯୋଗ ଦେବା ପରେ ବିଭାଗୀୟ ଛାତ୍ରୀଛାତ୍ର ଓ ପୂର୍ବତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏହି କୃତଜ୍ଞତା ସମାରୋହର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦାୟୀ ଅଧ୍ୟାପକ ଦ୍ୱୟଙ୍କ ବିଭାଗ ତଥା ସେମାନଙ୍କ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ଅତୁଳନୀୟ ଅବଦାନ ଯୋଗୁ ପ୍ରଫେସର ମଲ୍ଲିକ ସେମାନଙ୍କୁ ଭୂୟସୀ ପ୍ରଶଂସା କରିବା ସହ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

## ସତ୍ୟସ୍ୱରୂପ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ୟୁନିୟନ ସ୍ପୋର୍ଟିଂ ଓ ବ୍ରହ୍ମପୁର ବିଜୟୀ

ଉଦଳା,୧୫।୨(ସନ୍ତୋଷ କୁମାର ବାଛିନୀ)

ଉଦଳା ନାଗପାଳ ପଡ଼ିଆରେ ସପ୍ତମ ସତ୍ୟସ୍ୱରୂପ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ନଗରପାଳ ପ୍ରମିଳା ପଣ୍ଡା, ଉପ ନଗରପାଳ ଲିଲି ଭୋଳ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ପାରାଦ୍ୱୀପର ଡିଆର୍‌ସି କ୍ଲବକୁ ହରାଇ କଟକ ୟୁନିୟନ ସ୍ପୋର୍ଟିଂ ବିଜୟୀ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ୟୁନିକ ଇଲେଭେନକୁ ହରାଇ ଓ ବ୍ରହ୍ମପୁର, ଗଞ୍ଜାମ ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା। ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମୀୟ ବଳ, ସତ୍ୟ ନାରାୟଣ ପାଢ଼ୀ, ହିମାଦ୍ରୀ ଶେଖର ପାଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ଚନ୍ଦନ ଦୀକ୍ଷିତ , ଲକ୍ଷ୍ମୀ ନାରାୟଣ ସାହୁଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁ ସୁରକ୍ଷା ଗୃହରେ ଉଦ୍ଧାର ନାବାଳକ

## ପୁଅକୁ ମା'ବାପା ବଳି ଦେବା ଉଦ୍ୟମ ଚର୍ଚ୍ଚା ଘଟଣା

ଉଦଳା,୧୫।୨(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଛୋଟରାଏପୁର ଗ୍ରାମର ଏକ ଦମ୍ପତି ନିଜ ଜନ୍ମ କଲା ପୁଅକୁ ବଳିଦେବା ପାଇଁ ଉଦ୍ୟମ କରିବା ଘଟଣାକୁ ନେଇ ବୁଧବାର ଉଭୟ ପୋଲିସ ଏବଂ ପ୍ରଶାସନ ନାକେଦମ ହୋଇଥିଲେ। ଗୁରୁବାର ଏହି ଚର୍ଚ୍ଚାର ସତ୍ୟ ସାମ୍ନାକୁ ଆସିଛି। ବଳି ଉଦ୍ୟମ ନୁହେଁ ବରଂ ନିଶାଶକ୍ତ ମା' ବାପା ଅଝଟ ପୁଅକୁ ତାଗିଦା କରିବା ପାଇଁ ଏପରି କରିଥିଲେ ବୋଲି ପୋଲିସ କହିଛି। ଘଟଣାର ତଦନ୍ତ ପରେ ଅଟକ ଦମ୍ପତିଙ୍କୁ ପୋଲିସ ଛାଡ଼ିଦେଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଉଦ୍ଧାର ନାବାଳକଙ୍କୁ ବାରିପଦା ଶିଶୁ ସୁରକ୍ଷା ଗୃହକୁ ପଠାଇ ଦିଆଯାଇଛି।
ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଛୋଟରାଏପୁର ଗ୍ରାମର ଉକ୍ତ ଦମ୍ପତି ନିଜ ନାବାଳକ ପୁଅକୁ ଧରି କପ୍ତିପଦା ଥାନା ହାଣ୍ଡିଫୁଟା ଅଞ୍ଚଳରେ ଥିବା ଭଉଣୀ ଘରକୁ ଯାଉଥିଲେ। ରାସ୍ତାରେ ସ୍ତ୍ରୀ ସ୍ୱାମୀ ହାଣ୍ଡିଆ ପିଇ ନିଶାସକ୍ତ ହେବା ପରେ ବାଟହୁଡ଼ି ଯାଇ କୁକୁନ୍ଦରାଣୀ ହୁଡ଼ି ପାହାଡ଼ ରାସ୍ତାରେ ଯାଇଥିଲେ। ମାତ୍ରାଧିକ ନିଶା କାରଣରୁ ଏହି ଦମ୍ପତି ଏକ କୁଟା ବଦାଡ଼ି ନିକଟରେ ଶୋଇପଡ଼ିଥିଲେ। ରାତି ହେବାରୁ ନାବାଳକ ପୁଅ ସେମାନଙ୍କୁ ଯିବାକୁ କହିଥିଲା। ହେଲେ ନିଶାସକ୍ତ ଅବସ୍ଥାରେ ଥିବା ବାପା ରାଗିଯାଇ ପୁଅର ଗଳା କାଟି ଦେବେ ବୋଲି କହିବାରୁ ନାବାଳକ ଜଣକ ଡରି ସେଠାରୁ ଖସି ଆସି ନୁଦଡିହାଠାରେ ଥିବା ଏକ କ୍ଲବ ନିକଟରେ ପହଞ୍ଚିଥିଲେ। ସେଠାରେ ଥିବା ଯୁବକମାନଙ୍କୁ ମା'ବାପା ବଳି ଦେବାକୁ ଉଦ୍ୟମ କରିଥିବା କଥା କହିଥିଲେ। ପରେ ସ୍ଥାନୀୟ ଯୁବକଙ୍କ ଦ୍ୱାରା କାବୁ କରାଯାଇଥିବା ଦମ୍ପତିଙ୍କୁ ଥାନାକୁ ନେଇ ପୋଲିସ ଖୋଳତାଡ଼ କରିଥିଲା। ତେବେ ନାବାଳକ ଜଣକ ଭୟରେ ନିଜ ମା'ବାପାଙ୍କ ସହିତ ଘରକୁ ଯିବାକୁ ରାଜି ନ ହେବାରୁ ତାଙ୍କୁ ଶିଶୁ ସୁରକ୍ଷା ଗୃହକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ପିଙ୍ଗୁ ଗାଁ ଦାଣ୍ଡ

## ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଉଦଳା,୧୫।୨(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ବ୍ଲକ ଅଧୀନ ନୁଦଡିହା-ପିଙ୍ଗୁ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଉଛି। ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନେଇ ପ୍ରାୟ ୬ଟି ଗ୍ରାମ ପଞ୍ଚାୟତର ଲୋକେ ଏହି ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଛନ୍ତି। ଶନିବାର ଶ୍ରୀକ୍ଷେତ୍ର ପୁରୀରୁ ଆଜ୍ଞାମାଳ ଆସିବା ପରେ ଜଗନ୍ନାଥ ମନ୍ଦିର ପରିସରରେ ଅଙ୍କୁରାରୋପଣ, ମଣ୍ଡଳାଧିବାସ ବିଦ୍ୱାନ ପଣ୍ଡିତମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଗୁରୁବାର ପବିତ୍ର କଣ୍ଟାଳ ନଦୀ କୁକୁରଡିମା ଘାଟରୁ ପୂଜାର୍ଚ୍ଚନା ପରେ ଏକ ବିରାଟ କଳସଯାତ୍ରା ଗ୍ରାମଦାଣ୍ଡ ପରିକ୍ରମା ପରେ ମନ୍ଦିର ପରିସରରେ ପହଞ୍ଚିଥିଲା। ପରେ ଅଗ୍ନିସ୍ଥାପନ, ଧାନ୍ୟାଧିବାସ ସହିତ ଶ୍ରଦ୍ଧାଳୁମାନେ ଆନନ୍ଦର ସହିତ ପ୍ରସାଦ ସେବନ କରିଥିଲେ। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ୬ ଦିନ ଧରି ଚାଲିବ। ଦୈନନ୍ଦିନ ସନ୍ଧ୍ୟାରେ ପ୍ରବଚକ ମାଳିକା ଗବେଷକ ଭକ୍ତି ବିନୋଦ ବିପିନ ବିହାରୀ ସାମଲ ଓ ତାଙ୍କ ସାଥୀ ଏବଂ ପ୍ରବଚକ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ମନୋଜ ପ୍ରଧାନ ଓ ସାଥୀ ଜଗନ୍ନାଥ ବାଣୀ ପ୍ରଦାନ କରିବେ। ସେହିଭଳି ଆଧ୍ୟାତ୍ମିକ ପତ୍ରିକା ଭାବବନ୍ଧନ ବିଶେଷାଙ୍କ ଉନ୍ମୋଚନ ହେବ। କଣ୍ଠଶିଳ୍ପୀ ସୌରଭ ନାୟକ, ଦେବୀ ପ୍ରସାଦ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କୁ ନେଇ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

